ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, February 19/2025 Page 14 ₹ 7.00 RAYAGADA

# ୧୫ ବର୍ଷ ପରେ ଘରକୁ ଫେରିଲେ ନିଖୋଜ ବାମଦେବ

**କାଶୀପୁର/ଟିକିରି,୧୮।୨ (ମୋହନ ନାୟକ/ପ୍ରଫୁଲ୍ଲ କୁମାର ବେହେରା)**

ନିଖୋଜ ହେବାର ୧୫ ବର୍ଷ ପରେ ନିଜ ଘରକୁ ଫେରିଛନ୍ତି ରାୟଗଡ଼ା ଜିଲା କାଶୀପୁର ସଦର ବ୍ଲକ୍ କଲୋନି ସାହିର ବାମଦେବ ନାଏକ। ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେଶନ ତରଫରୁ ସାମାଜିକ କର୍ମୀ ସୁନୀଲ କୁମାର ଦାସ ଟ୍ରେନ୍ ଯୋଗେ ବାମଦେବଙ୍କୁ ଆଣି ତାଙ୍କ ଘରେ ଛାଡ଼ିଛନ୍ତି। ଏତେ ବର୍ଷ ପରେ ବାମଦେବଙ୍କୁ ପାଇବା ପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସି ହୋଇଯାଇଛନ୍ତି। ତାଙ୍କୁ ଆଣିବାରେ ସାହାଯ୍ୟ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥାକୁ ପରିବାର ଲୋକେ ଧନ୍ୟବାଦ ଜଣାଇଛନ୍ତି।

ବାମଦେବଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବାମଦେବଙ୍କ ମା'ବାପା ପୂର୍ବରୁ ମୃତ୍ୟୁବରଣ କରିଥିବାରୁ ୨ଭିଣୋଇ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟିତ୍ୱ ନେଉଥିଲେ। ବାମଦେବଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ୧୫ ବର୍ଷ ତଳେ ସେ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅନ୍ୟପକ୍ଷେ ଶ୍ରଦ୍ଧା ଫାଉଣ୍ଡେଶନର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ, ବାମଦେବ ୨୦୧୯ରେ ମୁମ୍ବାଇର ଦାଦର ରେଳ ଷ୍ଟେଶନ ନିକଟରେ ବହୁତ ଦୟନୀୟ ଅବସ୍ଥାରେ ପଡି ରହିଥିଲେ। ଶ୍ରଦ୍ଧା ଫାଉଣ୍ଡେଶନର ସାମାଜିକ କର୍ମୀମାନେ ତାଙ୍କୁ ମନସ୍ତତ୍ୱବିତ ଡାକ୍ତରଙ୍କୁ ଦେଖାଇବା ସହ ଉତ୍ତମ ଚିକିତ୍ସା କରିଥିଲେ। ହେଲେ ୫ବର୍ଷ ଯାଏଁ ବାମଦେବ ନିଜ ପରିଚୟ କିଛି କହିପାରି ନ ଥିଲେ। ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନପଡା ସ୍କୁଲ ଏବଂ ସୁନାବେଡ଼ା କଥା କହିବାପରେ ସାମାଜିକ କର୍ମୀ ସୁନୀଲ କାଶୀପୁରର ଜଣେ ଫଟୋଗ୍ରାଫର ସରୋଜ କୁମାରଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ। ସରୋଜ ଏ ନେଇ କାଶୀପୁରର ଜଣେ ଖବରଦାତା ଟୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ସେ ଶ୍ରଦ୍ଧା ଫାଉଣ୍ଡେଶନର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହ ଭିଡିଓ କଲ୍‌କରି କଥା ହେବା ସହ ବାମଦେବଙ୍କୁ ଦେଖିଥିଲେ। ବାମଦେବଙ୍କ ଘର କାଶୀପୁରରେ ବୋଲି ଜଣାପଡ଼ିବା ପରେ ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏଥିସହ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବ ବୋଲି କହିଥିଲେ।


ଶ୍ରଦ୍ଧା ଫାଉଣ୍ଡେଶନର ସାମାଜିକ କର୍ମୀ ସୁନୀଲ, ବାମଦେବଙ୍କ ସହ ପରିବାର ଲୋକେ।